# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 August – 2025**

---

# କ୍ୟାବିନେଟ୍ ମଂଜୁରୀ

ପ୍ରଯୁକ୍ତିବିଦ୍ୟା ନୀତି-୨୦୨୫କୁ ରାଜ୍ୟ କ୍ୟାବିନେଟ୍‌ର ମଂଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଗୋଟିଏ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ନୂଆ ଆଇଟି ପାର୍କ ସ୍ଥାପନ ପାଇଁ ୨୦ କୋଟି ଟଙ୍କା ନିବେଶ ଉପରେ ୩୦ ପ୍ରତିଶତ ରିହାତି ପ୍ରଦାନ କରିବେ । ରାଜ୍ୟକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ଇଲେକ୍ଟ୍ରୋନିକ୍ ଉପାଦାନ ନିର୍ମାଣ ନୀତି ଅଧୀନରେ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧ ହଜାର ଲୋକଙ୍କୁ ନିଯୁକ୍ତି ସୃଷ୍ଟି ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ରିହାତି ପ୍ରଦାନ କରିବେ । ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଆସନ୍ତା ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ଓ ଓଡ଼ିଶା ଲୋକସେବା ଆୟୋଗରେ ୩ ଜଣ ସଦସ୍ୟଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ସଂପର୍କରେ ସୂଚନା ଦେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି : **V/O**

# ଜୀବିକା ମଡେଲ

ରାଜ୍ୟରେ ପିଭିଟିଜି ଜୀବିକା ମଡେଲ୍ ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ପ୍ରଭାବଶାଳୀ ଜୀବିକା ପ୍ରଣାଳୀ କାର୍ଯ୍ୟକାରୀ କରାଯିବ । ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଦାଦନ ଶ୍ରମିକ ହ୍ରାସ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ତୃତୀୟ ବୈଠକରୁ ଏହା ଜଣାପଡ଼ିଛି । ବିଭିନ୍ନ ସର୍ବେକ୍ଷଣ ଏବଂ ସରକାରୀ ତଥ୍ୟ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କ ଦକ୍ଷତା ବୃଦ୍ଧି ଓ ପ୍ରବାସ ପ୍ରବଣ ଜିଲ୍ଲା ଓ ବ୍ଲକର ପ୍ରତ୍ୟେକ ପରିବାରକୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକରେ ଶତପ୍ରତିଶତ ସାମିଲ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ନିଶାଦ୍ରବ୍ୟ କାରବାର-କାର୍ଯ୍ୟାନୁଷ୍ଠାନ

ବେଆଇନ ମାଦକ ଦ୍ରବ୍ୟ ଚୋରା ଚାଲାଣ ଏବଂ ନିଶାଦ୍ରବ୍ୟ ରୋକିବା ସଂପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର ଏବଂ ନିକଟସ୍ଥ ଅଞ୍ଚଳରେ ବେଆଇନ ନିଶାଦ୍ରବ୍ୟ ବିକ୍ରୟ ଓ କାରବାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାଦ୍ରବ୍ୟ ମୁକ୍ତ ପରିସର କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

## ପୁରସ୍କାର

ରାଜ୍ୟର ୨ ଜଣ ଶିକ୍ଷକ ଜାତୀୟ ଶିକ୍ଷକ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି । ମାଲକାନଗିରି ଜିଲ୍ଲା କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ରଣା ଏବଂ କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କାର୍ଯ୍ୟରତ ତରଣୁ କୁମାର ଦାସ ଏହି ପୁରସ୍କାର ପାଇବେ । କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ୫୦ ହଜାର ଟଙ୍କା ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉପାନ୍ତ ଅଞ୍ଚଳରେ ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଅସାମାନ୍ୟ ଅବଦାନ ପ୍ରଶଂସନୀୟ ବୋଲି କହିଛନ୍ତି ।

## ବୁଝାମଣାପତ୍ର

ଉଚ୍ଚଶିକ୍ଷା ଏବଂ ଜନଜାତି ଗବେଷଣାକୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦେଶର ୪ଟି ପ୍ରମୁଖ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ହାଇଦ୍ରାବାଦର ଇଏଫ୍‌ଏଲ୍‌ୟୁ ବିଶ୍ୱବିଦ୍ୟାଳୟ, ଆନ୍ଧ୍ର ପ୍ରଦେଶର କେନ୍ଦ୍ରୀୟ ଜନଜାତୀୟ ବିଶ୍ୱବିଦ୍ୟାଳୟ, ଅମରକଣ୍ଟକସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତୀୟ ବିଶ୍ୱବିଦ୍ୟାଳୟ ଓ ତେଲଙ୍ଗାନାର ସମକା ସରକା କେନ୍ଦ୍ରୀୟ

ଜନଜାତୀୟ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି ।

## ରେଳ କର୍ମଚାରୀ ସମ୍ମାନ

ପ୍ରଶଂସନୀୟ କାର୍ଯ୍ୟ ପାଇଁ ୬ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି । ବିଷମକଟକ, ମୁନିଗୁଡ଼ା, ଲୋଇସିଂହା, ଯୋରନ୍ଦା ରୋଡ୍ ଏବଂ ହୁମାରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଏବଂ ପଏଣ୍ଟ୍‌ସମ୍ୟାନ୍‌ଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ଏବଂ ଉପସ୍ଥିତ ବୁଦ୍ଧି ପ୍ରଦର୍ଶନ ଯୋଗୁଁ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି ।

## କ୍ଷମତା ନିର୍ମାଣ ଶିବିର

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲାଗି ଡାକ୍ତରଖାନାଗୁଡ଼ିକ ଯେଭଳି ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିପାରିବେ, ସେ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳ ଏବଂ ଭୁବନେଶ୍ୱର ଏମ୍‌ସ ପକ୍ଷରୁ ଏକ ୬ ଦିନିଆ କ୍ଷମତା ନିର୍ମାଣ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ଓଡ଼ିଶା, ମେଘାଳୟ, ପଶ୍ଚିମବଙ୍ଗ ଏବଂ ଆସାମର ବରିଷ୍ଠ ସ୍ୱାସ୍ଥ୍ୟସେବା ଅଧିକାରୀମାନେ ଯୋଗ ଦେଇଥିଲେ । ଭୁବନେଶ୍ୱର ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ମିଶ୍ର କହିଛନ୍ତି, ବିପର୍ଯ୍ୟୟ ସମୟରେ ହସ୍ପିଟାଲଗୁଡ଼ିକ ଲୋକଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପହଞ୍ଚାଇଥାଏ ।

## ଆଲୋଚନାଚକ୍ର

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଭାଗ ଆନୁକୂଲ୍ୟରେ ସମସାମୟିକ ସାମାଜିକ ଲିଙ୍ଗ ଆଲୋଚନାର ବିତର୍କ ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି । ଗୁରୁ ଘାସି ଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମକୃଷ୍ଣ ପ୍ରଧାନ ନାରୀମାନଙ୍କ ପ୍ରତି ହେଉଥିବା ହିଂସା ଓ ବିଭିନ୍ନ ସାମାଜିକ ସାଂସ୍କୃତିକ ପ୍ରଥା ଉପରେ ଆଲୋଚନା କରିଥିଲେ ।

## ଟ୍ରେନ୍ ଚଳାଚଳ

ଆସନ୍ତା ପାର୍ବଣ ଋତୁରେ ଯାତ୍ରୀସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପାଟନା ଏବଂ ପୁରୀ ମଧ୍ୟରେ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଚଳିତମାସ ୨୮ ତାରିଖରୁ ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ପାଟନାରୁ ଏବଂ ଶୁକ୍ରବାର ଦିନ ପୁରୀରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ମିଳିଛି ।

## ବନ୍ୟା

ଯାଜପୁର ଜିଲ୍ଲା ବୈତରଣୀ ନଦୀର ଶାଖା କାଣୀ ନଦୀରେ ୭୦ ଫୁଟ ଘାଇ ହେବା ଯୋଗୁଁ ଦଶରଥପୁର ବ୍ଲକର ୪ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ଅନ୍ୟ ୧୨ଟି ପଞ୍ଚାୟତ ଆଂଶିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଦଶରଥପୁର ବ୍ଲକରେ ଉଦ୍ଧାରକାର୍ଯ୍ୟ ପାଇଁ ୩ଟି ଓଡ୍ରାଫ୍ ଟିମ୍ ଓ ୨ଟି ଅଗ୍ନିଶମ ବାହିନୀ ଟିମ୍‌କୁ ମୁତୟନ କରାଯାଇଛି । ପ୍ରାୟ ୫ ହଜାର

ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ବନ୍ୟା ଜଳରେ ଭାସିଯାଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ହକି-ସମ୍ବର୍ଦ୍ଧନା

ପଞ୍ଚଦଶ କନିଷ୍ଠ ଜାତୀୟ ହକି ଚମ୍ପିୟାନ୍‌ସିପ୍‌ର ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଫଳତା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଜୟର ଗୌରବମୟ ଜୟଯାତ୍ରା ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ।

## ଜଳକ୍ରୀଡ଼ା

ଜାମ୍ମୁ କାଶ୍ମୀର, ଶ୍ରୀନଗରସ୍ଥିତ ଡାଲ୍ ହ୍ରଦରେ ଆୟୋଜିତ ପ୍ରଥମ ଖେଲୋଇଣ୍ଡିଆ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ପାଇଛି । ଅନ୍ୟ ଶ୍ରେଷ୍ଠରାଜ୍ୟ ଭାବେ ମଧ୍ୟପ୍ରଦେଶ ଓ କେରଳ ସ୍ଥାନ ପାଇଛନ୍ତି । କଟକଜିଲ୍ଲା ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରର ୧୫ ଜଣ ଖେଳାଳି ୩ଟି ସ୍ୱର୍ଣ୍ଣ ଏବଂ ୫ଟି ରୌପ୍ୟ ପଦକ ହାସଲ କରିଛନ୍ତି ।

..........................................................................